ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ଉମାଶଙ୍କର ରାଜାଭାଉ ଅନ୍ୟମାନେ

ନଭେମ୍ବର 9, 1995

[କେ. ରାମସ୍ୱାମୀ ଏବଂ ଏସ୍. ସାଗିର ଅହମ୍ମଦ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:ଧାରା 4 (1), 6, 9 ଏବଂ 48 (1) ।*

*ଜମି ଅଧିଗ୍ରହଣ - ଅଧିସୂଚନା ଘୋଷଣା – ଅଧିନିର୍ଣ୍ଣୟ - ଅଧିସୂଚନା ପ୍ରକାଶ ପୂର୍ବରୁ ଜମି ବିକ୍ରୟ - କ୍ରେତାଙ୍କ ସପକ୍ଷରେ କୌଣସି ନାମାନ୍ତରଣ ନାହିଁ - ଫଳସ୍ୱରୂପ କ୍ରେତାଙ୍କୁ ନୋଟିସ୍ ଜାରି କରାଯାଇନଥିଲା - କ୍ରେତାଙ୍କ ଦ୍ୱାରା ଜମି ବିକ୍ରୟ ନୋଟିସ୍ ଜାରି ନକରିବା ପାଇଁ ଅଧିଗ୍ରହଣ ବାତିଲ କରିବା - ଅବୈଧ ବୋଲି ନିର୍ଣ୍ଣିତ ।*

*ଜମି ଅଧିଗ୍ରହଣ - ଅଧିଗ୍ରହଣ ପ୍ରତ୍ୟାହାର - ଧାରା 48 (1) ଅନୁଯାୟୀ କୌଣସି ଅଧିସୂଚନା ନାହିଁ - ନିର୍ଣ୍ଣୟ ହେଲା ଅଦାଲତ ଉପଭୋକ୍ତାଙ୍କ ପକ୍ଷରୁ ପରବର୍ତ୍ତୀ ଅନିଚ୍ଛା ପ୍ରତି ଧ୍ୟାନ ଦେଇପାରିବେ ନାହିଁ ।*

5 ଏକର ଜମି ଅଧିଗ୍ରହଣ ପାଇଁ ଜମି ଅଧିଗ୍ରହଣ ଅଧିନିୟମ,1894 ର ଧାରା 4 (1) ଅନୁଯାୟୀ ଏକ ବିଜ୍ଞପ୍ତି 1970 ମସିହା  ସେପ୍ଟେମ୍ବର 17 ରେ ପ୍ରକାଶିତ ହୋଇଥିଲା; 1971 ମସିହା ଜୁଲାଇ 29 ରେ ଧାରା 6 ଅନୁଯାୟୀ ଏକ ଘୋଷଣା ପ୍ରକାଶ ପାଇଥିଲା ଏବଂ 1971ମସିହା ସେପ୍ଟେମ୍ବର 15 ରେ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଥିଲା । ଧାରା 4 (1) ଅନୁଯାୟୀ ଅଧିସୂଚନା ପ୍ରକାଶ ପାଇବା ପୂର୍ବରୁ ଅର୍ଥାତ୍ 1968 ମସିହା ଜୁନ୍ 17 ତାରିଖରେ, ପ୍ରତିବାଦୀ 1-3 ଉସ୍ମାନଶାହି କଳର ମୂଳ ମାଲିକଙ୍କ ଠାରୁ ତିନୋଟି ଜାଗା କିଣିଥିଲେ । ତେବେ, ସେମାନଙ୍କ ନାମରେ କୌଣସି ନାମାନ୍ତରଣ କରାଯାଇନଥିଲା ଏବଂ ସେଥିପାଇଁ ସେମାନଙ୍କୁ ନୋଟିସ୍ ଜାରି କରାଯାଇନଥିଲା । ଉତ୍ତରଦାତା 1-3 ଏହି ଜାଗାଗୁଡ଼ିକୁ ଉତ୍ତରଦାତା 4 ଙ୍କୁ ବିକ୍ରି କରିଥିଲେ । ଆଇନ ଅନୁଯାୟୀ ଆବଶ୍ୟକ ନୋଟିସ୍ ସେମାନଙ୍କୁ ଜାରି କରାଯାଇ ନଥିବା ଆଧାରରେ ଉଚ୍ଚ ନ୍ୟାୟାଳୟ ଉତ୍ତରଦାତା 1-3 ଙ୍କ ତିନୋଟି ଜମି ଅଧିଗ୍ରହଣକୁ ରଦ୍ଦ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟ ବିରୋଧରେ ରାଜ୍ୟ ଏହି ଅଦାଲତରେ ଅପିଲ କରିଥିଲା ।

ଅପିଲକୁ ମଞ୍ଜୁର ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ କଲେ :1. ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 4 (1) ଅନୁଯାୟୀ ବ୍ୟକ୍ତିଗତ ନୋଟିସ କିମ୍ବା ଧାରା 6 ଅଧୀନରେ ଘୋଷଣାନାମା ଜାରି କରିବା ଆବଶ୍ୟକ ନୁହେଁ । ସ୍ଥାନୀୟ ଅଞ୍ଚଳରେ ଏବଂ ରାଜପତ୍ରରେ କ'ଣ ଜାରି କରିବା ଆବଶ୍ୟକ ତାହା ଅନୁପାଳନ କରାଯାଇଛି । ଯେହେତୁ ଉତ୍ତରଦାତା 1-3 ଙ୍କ ନାମରେ ନାମାନ୍ତରଣ ହୋଇନଥିଲା, ଯଦିଓ ଧାରା 4 (1) ଅନୁଯାୟୀ ଅଧିସୂଚନା ପ୍ରକାଶ ପାଇବା ପୂର୍ବରୁ ଜମି କିଣାଯାଇଥିଲା, ତେଣୁ ଧାରା 9 ଅନୁଯାୟୀ ଆବଶ୍ୟକ ଅନୁସାରେ ସେମାନଙ୍କୁ ନୋଟିସ୍ ଜାରି କରାଯାଇପାରିନଥିଲା । ଉତ୍ତରଦାତା 4 ଙ୍କୁ ନୋଟିସ୍ ଦେବା ସ୍ପଷ୍ଟ ଭାବେ ଅସମ୍ଭବ, କାରଣ 1971 ମସିହା ସେପ୍ଟେମ୍ବର 15 ରେ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇ ସାରିଥିଲା । ଏହାପରେ ତାଙ୍କର କ୍ରୟ ସ୍ପଷ୍ଟ ଭାବେ ବେଆଇନ ଅଟେ, କାରଣ ଧାରା 4 (1) ଅନୁଯାୟୀ ଅଧିସୂଚନା ପ୍ରକାଶ ପାଇବା ପରେ ରାଜ୍ୟ ଏହାକୁ ମାନିବାକୁ ବାଧ୍ୟ ନୁହେଁ । ତେଣୁ, ଉତ୍ତରଦାତା 1-3 ଙ୍କ ତିନୋଟି ଜମି ଜାଗା ଅଧିଗ୍ରହଣକୁ ଖାରଜ କରିବାରେ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଅଯୌକ୍ତିକ ଥିଲେ ।

2. ଯେତେବେଳ ପର୍ଯ୍ୟନ୍ତ ଅଧିନିୟମର ଧାରା 48 (1) ଅନୁଯାୟୀ ଅଧିଗ୍ରହଣରୁ ପ୍ରତ୍ୟାହାର କରିବା ପାଇଁ କୌଣସି ଅଧିସୂଚନା ପ୍ରକାଶିତ ହୋଇନଥାଏ, ସେତେବେଳ ପର୍ଯ୍ୟନ୍ତ ଉପଭୋକ୍ତାଙ୍କ ପକ୍ଷରୁ ପରବର୍ତ୍ତୀ କୌଣସି ଅନିଚ୍ଛାକୁ ଅଦାଲତ ଧ୍ୟାନ ଦେଇପାରିବେ ନାହିଁ ।

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1430/1984 ।

S.C.A. ସଂଖ୍ୟା 92/1975 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 18.7.79 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏସ୍.ଏମ୍. ଯାଦବ ।

ଉତ୍ତରଦାତାଙ୍କ ପାଇଁ ଭି.ବି. ଯୋଶୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବିଶେଷ ଦେୱାନୀ ଆବେଦନ ସଂଖ୍ୟା 92/75 ରେ 1979 ମସିହା ଜୁଲାଇ 18 ତାରିଖରେ ଦିଆଯାଇଥିବା ରାୟ ଏବଂ ଆଦେଶରୁ ଏହି ବିଶେଷ ଅନୁମତି ଅପିଲ ଉପୁଜିଛି । ମହାରାଷ୍ଟ୍ର ସଡ଼କ ପରିବହନ ନିଗମ କର୍ମଚାରୀଙ୍କ ପାଇଁ କର୍ମଚାରୀ

ଆବାସ ନିର୍ମାଣ ଭଳି ସାର୍ବଜନୀନ ଉଦ୍ଦେଶ୍ୟରେ 1970 ମସିହା ସେପ୍ଟେମ୍ବର 17 ତାରିଖରେ ରାଜ୍ୟ ରାଜପତ୍ରରେ ଧାରା 4 (1) ଅନୁଯାୟୀ ପ୍ରାୟ 5 ଏକର ଜମି ଅଧିଗ୍ରହଣ ନିମନ୍ତେ ଅଧିସୂଚନା ପ୍ରକାଶ ପାଇଥିଲା ।1971 ମସିହା ଜୁଲାଇ 29 ରେ ଧାରା 6 ଅନୁଯାୟୀ ଘୋଷଣା ପ୍ରକାଶିତ ହୋଇଥିଲା । ଏହି ଅଧିନିର୍ଣ୍ଣୟ ମଧ୍ୟ 1971 ମସିହା ସେପ୍ଟେମ୍ବର 15 ରେ ପ୍ରଦାନ କରାଯାଇଥିଲା । ଏହା ଜଣାପଡ଼େ ଯେ ଉତ୍ତରଦାତା 1-3 ଉସ୍ମାନଶାହି କଳରୁ ତିନୋଟି ଜମି କିଣିଥିଲେ, ଯାହା 1968 ମସିହା ଜୁନ୍ 17 ରେ ସରକାରୀ ଅବସାୟକଙ୍କ ମାଧ୍ୟମରେ ଋଣ ପରିଶୋଧ ଅଧୀନରେ ଥିଲା । କିନ୍ତୁ ରାଜସ୍ୱ ନଥିରେ ସେମାନଙ୍କ ନାମାନ୍ତରଣ କରାଯାଇନଥିଲା । ଫଳସ୍ୱରୂପ, ନୋଟିସ୍ ଜାରି କରାଯାଇପାରିଲା ନାହିଁ । ସେମାନେ, ପୁଣି, 1973ରେ ଏହି ଜାଗାଗୁଡ଼ିକୁ ଉତ୍ତରଦାତା 4 ଙ୍କୁ ବିକ୍ରି କରିଦେଇଥିଲେ । 1974 ମସିହା ଡିସେମ୍ବର 19 ରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା, ଯେଉଁଥିରେ ଅଧିସୂଚନାର ବୈଧତା ଏବଂ ଅଧିନିର୍ଣ୍ଣୟକୁ ମଧ୍ୟ ଆପତ୍ତି କରାଯାଇଥିଲା । ଆଇନ ଅନୁଯାୟୀ ଆବଶ୍ୟକ ନୋଟିସ୍ ଉତ୍ତରଦାତା 1-3 ଙ୍କୁ ଦିଆଯାଇ ନଥିବା ଆଧାରରେ ଉଚ୍ଚ ନ୍ୟାୟାଳୟ ଏହି ଅଧିସୂଚନାକୁ ବାତିଲ କରିଦେଇଥିଲେ ।

ଏହା ଦେଖାଯାଏ ଯେ ଧାରା 4 (1) ରେ ବ୍ୟକ୍ତିଗତ ନୋଟିସର ଜାରି କିମ୍ବା ଧାରା 6 ଘୋଷଣା ଅନୁଯାୟୀ ଜାରି ଆବଶ୍ୟକତା ନାହିଁ । ସ୍ଥାନୀୟ ଅଞ୍ଚଳରେ ଏବଂ ରାଜପତ୍ରରେ କ'ଣ ଜାରି କରାଯିବା ଆବଶ୍ୟକ ତାହା ଅନୁପାଳନ ହୋଇଛି । ଯେଉଁଠିକି ଧାରା 9 ଅଧୀନରେ ଥିବା ନୋଟିସ୍‌ଗୁଡ଼ିକର ପ୍ରଶ୍ନ ଉଠୁଛି, ରାଜସ୍ୱ ନଥିରୁ ବର୍ତ୍ତମାନ ଜଣାପଡ଼ିଛି ଯେ ମୂଳ ମାଲିକ ଅର୍ଥାତ୍ ଉସ୍ମାନଶାହି ମିଲ୍‌କୁ ନୋଟିସ୍ ଦିଆଯାଇଥିଲା । ଯେହେତୁ ଧାରା 4 (1) ଅନୁଯାୟୀ ଅଧିସୂଚନା ପ୍ରକାଶ ପାଇବା ପୂର୍ବରୁ କ୍ରୟ କରାଯାଇଥିବା ଉତ୍ତରଦାତା 1-3 ଙ୍କ ନାମରେ ନାମାନ୍ତରଣ କରାଯାଇ ନଥିଲା, ତେଣୁ ଧାରା 9 ଅନୁଯାୟୀ ଆବଶ୍ୟକ ନୋଟିସ୍ ଜାରି କରାଯାଇପାରିନଥିଲା । ଉତ୍ତରଦାତାଙ୍କୁ 4 ନୋଟିସ୍ ଦେବା ସ୍ପଷ୍ଟ ଭାବେ ଅସମ୍ଭବ, କାରଣ 1971 ମସିହା ସେପ୍ଟେମ୍ବର 15 ରେ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇସାରିଛି । ଏହାପରେ ତାଙ୍କର କ୍ରୟ ସ୍ପଷ୍ଟ ଭାବେ ବେଆଇନ ଅଟେ, କାରଣ ଧାରା 4 (1) ଅନୁଯାୟୀ ଅଧିସୂଚନା ପ୍ରକାଶ ପାଇବା ପରେ ରାଜ୍ୟ ଏଥିରେ ଆଇନତଃ ଆବଦ୍ଧ ହୋଇନଥାଏ । ଏଭଳି ପରିସ୍ଥିତିରେ, ଉତ୍ତରଦାତା 1-3 ଙ୍କ ତିନୋଟି ଜମି ଅଧିଗ୍ରହଣକୁ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଭାବେ ଅବୈଧ ଘୋଷଣା କରିଥିଲେ ।

ଏହା ଆମ ନଜରକୁ ଅଣାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଅଧିସୂଚନାକୁ ରଦ୍ଦ କରାଯିବା ପରେ ସରକାରଙ୍କ ଦ୍ୱାରା ଆଉ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏହା ଆବଶ୍ୟକ ନୁହେଁ,

କାରଣ ଏହି ତିନୋଟି ଜମିକୁ ନେଇ ଅପିଲରେ ଏହାକୁ ଆପତ୍ତି କରାଯାଉଛି । ଏକ ପ୍ରସ୍ତାବ ଦିଆଯାଇଥିଲା ଯେ ନିଗମକୁ କର୍ମଚାରୀଙ୍କ ପାଇଁ ଏହି ତିନୋଟି ଜମିର ଆବଶ୍ୟକତା ନାହିଁ । ଯେ ପର୍ଯ୍ୟନ୍ତ ଅଧିନିୟମର ଧାରା 48 (1) ଅନୁଯାୟୀ ଅଧିଗ୍ରହଣରୁ ପ୍ରତ୍ୟାହାର କରିବା ନିମନ୍ତେ କୌଣସି ଅଧିସୂଚନା ପ୍ରକାଶିତ ହୋଇନଥିବ, ସେ ପର୍ଯ୍ୟନ୍ତ ଉପଭୋକ୍ତାଙ୍କ ପକ୍ଷରୁ ପରବର୍ତ୍ତୀ କୌଣସି ଅନିଚ୍ଛା ପ୍ରତି ଅଦାଲତ ଧ୍ୟାନ ଦେଇପାରିବେ ନାହିଁ ।

ଏହି ଆବେଦନକୁ ମଞ୍ଜୁର ଦିଆଯାଇଛି ଏବଂ ଆଜ୍ଞାଦେଶ ଆବେଦନ ଖାରଜ ହୋଇଛି । କିନ୍ତୁ, ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଟି. ଏନ. ଏ.

ଅପିଲକୁ ମଞ୍ଜୁର ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ଅନୁବାଦିକା : କ୍ରିଷ୍ଣା ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।